# NATIONAL NEWS BULLETIN (ODIA)

**26 March- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦେଶର ସମସ୍ତ ସଂସ୍ଥା ଏକ ସଙ୍ଗେ କାର୍ଯ୍ୟ କରିବା ବେଳେ ସମନ୍ୱୟ ରକ୍ଷା କରାଯିବା ଉପରେ ଗୁରୁତ୍ୱ ଦେଲେ ରାଜ୍ୟସଭା ଅଧ୍ୟକ୍ଷ

- ଖାଦ୍ୟ ଅପମିଶ୍ରଣ ସଂକ୍ରାନ୍ତ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି, କହିଲେ ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ

- ସିବିଆଇ ଆଜି ମହାଦେବ ଆପ୍ଲିକେଶନ ସ୍କାମ୍ ଘଟଣାରେ ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲଙ୍କ ବାସଭବନ ଉପରେ କଲା ଚଢ଼ାଉ

- ଓଡ଼ିଶା ହାଇକୋର୍ଟର ମୁଖ୍ୟବିଚାରପତି ଭାବେ ଶପଥ ଗ୍ରହଣ କଲେ ଜଷ୍ଟିସ୍ ହରିଶ୍ ଟଣ୍ଡନ

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ଗୁଆହାଟୀଠାରେ ସନ୍ଧ୍ୟାରେ ରାଜସ୍ଥାନ ରୟାଲ୍‌ସ ଓ କୋଲ୍‌କାତା ନାଇଟ୍ ରାଇଡର୍ସ ମଧ୍ୟରେ ହେବ ମୁକାବିଲା ।

---

## ଧନଖଡ଼

ଦେଶର ସମସ୍ତ ସଂସ୍ଥା ଏକ ସଙ୍ଗେ କାର୍ଯ୍ୟ କରିବା ବେଳେ ସେଥିରେ ସମନ୍ୱୟ ରକ୍ଷା କରାଯିବା ଉପରେ ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ ଗୁରୁତ୍ୱାରୋପ କରିଛନ୍ତି । ଆଜି ରାଜ୍ୟସଭାର ଶୂନ୍ୟକାଳରେ ଦିଲ୍ଲୀ ହାଇକୋର୍ଟର ବିଚାରପତି ଯଶୋବନ୍ତ ବର୍ମାଙ୍କ ଘରୁ ମିଳିଥିବା ନଗଦ ଅର୍ଥରାଶି ସଂକ୍ରାନ୍ତରେ ଗତକାଲି ହୋଇଥିବା ଏକ ବୈଠକ ପରିପ୍ରେକ୍ଷୀରେ ଶ୍ରୀ ଧନଖଡ଼ ଏହା କହିଛନ୍ତି । ଗତକାଲି ଏ ସଂକ୍ରାନ୍ତରେ ହୋଇଥିବା ବୈଠକ ଅତ୍ୟନ୍ତ ଫଳପ୍ରଦ ଥିଲା । ଗୃହର ନେତାମାନେ ଏ ନେଇ ସହମତିରେ ବିଚାରବିମର୍ଶ କରିଥିଲେ । ଗୃହର ନେତା ଜଗତ ପ୍ରକାଶ ନଡ୍ଡା ଓ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ୍‌ଗେ ସଂପୃକ୍ତ ଘଟଣାର ଅଗ୍ରଗତି ନେଇ ସବୁ ରାଜନୈତିକ ଦଳଙ୍କ ସହ ଆଲୋଚନା କରିବା ପରେ ତାଙ୍କୁ ରିପୋର୍ଟ ପ୍ରଦାନ କରିବା ଲାଗି କୁହାଯାଇଥିବା ଶ୍ରୀ ଧନଖଡ଼ କହିଛନ୍ତି ।

---

## ପ୍ରହ୍ଲାଦ ଯୋଶୀ

ଖାଦ୍ୟ ଅପମିଶ୍ରଣ ସଂକ୍ରାନ୍ତ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ବୋଲି ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି । ଲୋକସଭାରେ ଆଜି ଏକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଯୋଶୀ କହିଛନ୍ତି ଯେ, ଖାଦ୍ୟ ଅପମିଶ୍ରଣ ନେଇ କୌଣସି ଅଭିଯୋଗ ଆସିଲେ ସରକାର ସଙ୍ଗେ ସଙ୍ଗେ ଘଟଣାର ଯାଞ୍ଚ କରୁଛନ୍ତି । ଏଥିସହିତ ଯଦି କୌଣସି ଖାଦ୍ୟ ସାମଗ୍ରୀ ମଣିଷର ଖାଇବା ଉପଯୋଗୀ ନୁହେଁ ବୋଲି ଜଣାପଡୁଛି, ସେଥିପାଇଁ

ଦାୟୀ ବ୍ୟକ୍ତିଙ୍କ ବିରୁଦ୍ଧରେ ଅପରାଧିକ ମାମଲା ରୁଜୁ କରାଯାଉଛି । ଖାଦ୍ୟ ସାମଗ୍ରୀର ଗୁଣବତ୍ତା ଯାଞ୍ଚ କରିବା ଲାଗି ଦେଶରେ ଏଫ୍‌ଏସ୍‌ଏସ୍‌ଏଆଇ ର ୨୪୨ଟି ଲାବୋରେଟୋରୀ, ୪ଟି ରେଫରାଲ୍ ଲାବୋରେଟୋରୀ ଏବଂ ଭ୍ରାମ୍ୟମାଣ ଖାଦ୍ୟ ଯାଞ୍ଚ ଲାବୋରେଟୋରୀ ରହିଛି । ଖାଦ୍ୟ ଅପମିଶ୍ରଣ ଯେଉଁଲି ନ ହେବ, ସେଥିଲାଗି ସରକାର ଲୋକମାନଙ୍କୁ ସଚେତନ କରିବା ସକାଶେ ସାମାଜିକ ଗଣମାଧ୍ୟମକୁ ବ୍ୟାପକ ଭାବେ ବ୍ୟବହାର କରୁଛନ୍ତି । ଅନ୍ୟ ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଯୋଶୀ କହିଛନ୍ତି ଯେ, ଉପଭୋକ୍ତାଙ୍କ ସୁରକ୍ଷା ଲାଗି ଜାତୀୟ ଉପଭୋକ୍ତା ହେଲ୍‌ପ୍ ଲାଇନ୍ ବିଶେଷ ସହାୟକ ହୋଇପାରିଛି :

**V/O**

---

# ଛତିଶଗଡ଼-ବାଘେଲ

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ-ସିବିଆଇ ଆଜି ୬ ହଜାର କୋଟି ଟଙ୍କାର ମହାଦେବ ଆପ୍ଲିକେଶନ ସ୍କାମ୍ ଘଟଣାରେ ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲଙ୍କ ରାୟପୁର ଓ ଭିଲାଇସ୍ଥିତ ବାସଭବନ ଉପରେ ଚଢ଼ାଉ କରିଛି । ଏଥିସହିତ ସିବିଆଇ ୪ ଜଣ ଆଇପିଏସ୍ ଅଧିକାରୀଙ୍କ ସମେତ ୭ ଜଣ ପୁଲିସ୍ ଅଧିକାରୀ, ଜଣେ ପୂର୍ବତନ ଆଇଏଏସ୍ ଅଧିକାରୀ ଏବଂ ଶ୍ରୀ ବାଘେଲଙ୍କ ଜଣେ ସହଯୋଗୀଙ୍କ ଘର ଉପରେ ମଧ୍ୟ ଚଢ଼ାଉ କରିଛି । ଏହି ଘଟଣାରେ ଛତିଶଗଡ଼ର ୨୦ଟି ସହରରେ ମଧ୍ୟ ତଦନ୍ତ ସଂସ୍ଥା ପକ୍ଷରୁ ଯାଞ୍ଚ କରାଯାଇଛି । ଛତିଶଗଡ଼ ପୁଲିସ୍‌ର ଅର୍ଥନୈତିକ ଅପରାଧ ଶାଖା ପୂର୍ବରୁ କଂଗ୍ରେସ ନେତା ଶ୍ରୀ ବାଘେଲ, ସଂପୃକ୍ତ ଆପ୍ଲିକେଶନର ପ୍ରମୋଟର ରବି ଉପାଲ, ସୌରଭ

ଚନ୍ଦ୍ରାକର, ଶୁଭମ୍ ସୋନି, ଅନୀଲ କୁମାର ଅଗ୍ରୱାଲ ଓ ଅନ୍ୟ ୧୪ ଜଣଙ୍କ ବିରୁଦ୍ଧରେ ଏତଲା ଦାୟର କରିଥିଲା । ସିବିଆଇ ଇତିମଧ୍ୟରେ ଛତିଶଗଡ଼ ପୁଲିସ୍‌ର ଅର୍ଥନୈତିକ ଅପରାଧ ଶାଖାଠାରୁ ତଦନ୍ତ ଦାୟିତ୍ୱ ଗ୍ରହଣ କରିଛି ।

ଏହି ଦୁର୍ନୀତିର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମଧ୍ୟ ଛତିଶଗଡ଼ର ଅନେକ ବରିଷ୍ଠ ରାଜନେତା ଓ ଅମଲାତନ୍ତ୍ରୀ ଏହି ଘଟଣାରେ ସଂପୃକ୍ତ ଥିବା ନେଇ ତଥ୍ୟ ପ୍ରଦାନ କରିଛି ।

## ବିହାର ଆସେମ୍ବ୍ଲି

ବିହାର ବିଧାନସଭାରେ ବିରୋଧୀ ଆର୍‌ଜେଡି ଓ ସିପିଆଇଏମ୍‌ଏଲ୍ ର ସଦସ୍ୟମାନେ ୱାକଫ୍ ସଂଶୋଧନ ବିଲ୍‌କୁ ନେଇ  ପ୍ରତିବାଦ କରିବାରୁ ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି । ପୂର୍ବାହ୍ନ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ୱାକଫ୍ ସଂଶୋଧନ ବିଲ୍ ଉପରେ ଆଲୋଚନା କରିବା ଲାଗି ବିରୋଧୀମାନେ ଅଡ଼ି ବସିଥିଲେ । ସେମାନେ ଗୃହର ମଧ୍ୟଭାଗକୁ ଯାଇ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ବିରୁଦ୍ଧରେ ସ୍ଲୋଗାନମାନ ଦେଇଥିଲେ । ବାଚସ୍ପତି ନନ୍ଦକିଶୋର ଯାଦବ ବିରୋଧୀ ସଦସ୍ୟମାନଙ୍କୁ ସେମାନଙ୍କ ଆସନକୁ ଯିବା ପାଇଁ ନିବେଦନ କରିଥିଲେ ମଧ୍ୟ ହୋହଲ୍ଲା ଜାରି ରହିଥିଲା । ଫଳରେ ବାଚସ୍ପତି ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି ।

## ମୁଖ୍ୟବିଚାରପତି

ଓଡ଼ିଶା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ହରିଶ ଟଣ୍ଡନ ଶପଥ ଗ୍ରହଣ କରିଛନ୍ତି । ଭୁବନେଶ୍ୱରସ୍ଥିତ ରାଜଭବନରେ

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଜଷ୍ଟିସ୍ ଟଣ୍ଡନଙ୍କୁ ଶପଥପାଠ କରାଇଛନ୍ତି । ଚଳିତମାସ ୨୧ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ଟଣ୍ଡନଙ୍କ ନିଯୁକ୍ତିକୁ ଅନୁମୋଦନ କରିଥିଲେ । ଆଜିର ଶପଥଗ୍ରହଣ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

---

# ଓଡ଼ିଶା ବିଧାନସଭା

ଓଡ଼ିଶା ବିଧାନସଭାରେ  ଅଶାଳୀନ ଆଚରଣ ଅଭିଯୋଗ ନେଇ ଆଜି ଆଉ ୨ ଜଣ କଂଗ୍ରେସ ବିଧାୟକଙ୍କୁ ୭ଟି କାର୍ଯ୍ୟ ଦିବସ ପାଇଁ ବାଚସ୍ପତି ସୁରମା ପାଢ଼ୀ ନିଲମ୍ବନ କରିଛନ୍ତି । ମହିଳାଙ୍କ ପ୍ରତି ବୃଦ୍ଧି ପାଉଥିବା ଅତ୍ୟାଚାରର ତଦନ୍ତ ପାଇଁ ଗୃହ କମିଟି ଗଠନ କରିବା ଏବଂ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଦାବି ନେଇ କଂଗ୍ରେସର ଏହି ଦୁଇ ବିଧାୟକ ଆଜି ବାଚସ୍ପତିଙ୍କ ମଞ୍ଚ ନିକଟରେ ପ୍ରବଳ ହଟ୍ଟଗୋଳ କରିଥିଲେ । ଏହାକୁ ମିଶାଇ କଂଗ୍ରେସର ସମସ୍ତ ୧୪ଜଣ ଯାକ ବିଧାୟକ ବିଧାନସଭାରୁ ୭ଟି କାର୍ଯ୍ୟଦିବସ ପାଇଁ ନିଲମ୍ବିତ ହୋଇଛନ୍ତି । ଅନ୍ୟପକ୍ଷରେ ଗତକାଲିର ୧୨ଜଣ ବିଧାୟକଙ୍କୁ ନିଲମ୍ବନ ନିଷ୍ପତ୍ତି ପ୍ରତିବାଦରେ କଂଗ୍ରେସ ସଦସ୍ୟମାନେ ଓଡ଼ିଶା ବିଧାନସଭା ଭିତରେ ଏବଂ ବାହାରେ ବିକ୍ଷୋଭ ପ୍ରଦର୍ଶନ ଜାରି ରଖିଛନ୍ତି । ବିଧାନସଭାରେ ମୁଖ୍ୟ ବିରୋଧୀ ଦଳ ବିଜେଡ଼ି ମଧ୍ୟ ବାଚସ୍ପତିଙ୍କ ନିଷ୍ପତ୍ତିକୁ ସମାଲୋଚନା କରିଛି ।

---

# ଛତିଶଗଡ଼ ମାଓଇଷ୍ଟ୍

ଛତିଶଗଡ଼ର ସୁକ୍‌ମା ଜିଲ୍ଲାରେ ଆଜି ୯ ଜଣ ମାଓବାଦୀ ବରିଷ୍ଠ ପୁଲିସ୍ ଅଧିକାରୀ ଓ ସିଆର୍‌ପିଏଫ୍ ନିକଟରେ ଆତ୍ମସମର୍ପଣ କରିଛନ୍ତି ।

ସେମାନଙ୍କ ମଧ୍ୟରେ ୬ ଜଣ ମହିଳା ମାଓବାଦୀ ଅଛନ୍ତି । ଏହି ମାଓବାଦୀଙ୍କୁ ଧରିବା ଲାଗି ୨୬ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ଆଜି ଯେଉଁମାନେ ଆତ୍ମସମର୍ପଣ କରିଛନ୍ତି ସେମାନେ ଅନେକ ସାଂଘାତିକ ଘଟଣାରେ ଜଡ଼ିତ ଥିଲେ ।

## ଇଣ୍ଡୋ-ଚୀନ୍ - ଡବ୍ଲ୍ୟୁ.ଏମ୍.ସି.ସି. ମିଟ୍

ଭାରତ-ଚୀନ୍ ସୀମା ବ୍ୟାପାର ଆଧାରିତ ପରାମର୍ଶ ଓ ସମନ୍ୱୟ କାର୍ଯ୍ୟକାରୀ ବ୍ୟବସ୍ଥା - WMCCର ୩୩ତମ ବୈଠକ ଚୀନ୍‌ର ବେଜିଂଠାରେ ଅନୁଷ୍ଠିତ ହୋଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ବୈଠକରେ ଉଭୟ ଦେଶର ପ୍ରକୃତ ନିୟନ୍ତ୍ରଣ ରେଖା ସ୍ଥିତିର ବ୍ୟାପକ ସମୀକ୍ଷା କରାଯାଇଛି । ଉଭୟ ପକ୍ଷ ଏକ୍ଷେତ୍ରରେ ପ୍ରାସଙ୍ଗିକ, କୂଟନୈତିକ ଏବଂ ସାମରିକ ବ୍ୟବସ୍ଥା ବଜାୟ ରଖିବାକୁ ସମ୍ମତ ହୋଇଛନ୍ତି । କୈଳାସ ମାନସରୋବର ଯାତ୍ରା ସମେତ ସୀମାପାର ସହଯୋଗ ଓ ଆଦାନ ପ୍ରଦାନରେ ଉଭୟ ପକ୍ଷ ମଧ୍ୟରେ ମତ ବିନିମୟ ହୋଇଛି । ଚଳିତ ବର୍ଷ ଶେଷସୁଦ୍ଧା ଭାରତରେ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର ପ୍ରତିନିଧିଙ୍କ ପରବର୍ତ୍ତୀ ବୈଠକ ପାଇଁ ପ୍ରସ୍ତୁତି ସଂକ୍ରାନ୍ତରେ ଉଭୟ ପକ୍ଷ ମିଳିତ ଭାବେ କାର୍ଯ୍ୟ କରିବାକୁ ରାଜି ହୋଇଛନ୍ତି । ଭାରତୀୟ ପ୍ରତିନିଧିମଣ୍ଡଳିର ମୁଖ୍ୟ ଚୀନ୍‌ର ସହକାରୀ ବୈଦେଶିକ ମନ୍ତ୍ରୀ ହଙ୍ଗ୍ ଲେଇ'ଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି ।

## ଜୟଶଙ୍କର - ଜୁଲି ବିଶପ୍

ମ୍ୟାଁମାରରେ ବଦଳୁଥିବା ପରିସ୍ଥିତି ନେଇ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏବଂ ଜାତିସଂଘ ମହାସଚିବଙ୍କ ସ୍ୱତନ୍ତ୍ର ପ୍ରତିନିଧି ଜୁଲି ବିଶପ୍‌ଙ୍କ ମଧ୍ୟରେ ଆଲୋଚନା ହୋଇଛି । ଗତବର୍ଷ ଏପ୍ରିଲ୍ ମାସରେ

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଜୁଲି ବିଶପ୍‌ଙ୍କୁ ମ୍ୟାଁମାର ପ୍ରସଙ୍ଗରେ ସ୍ୱତନ୍ତ୍ର ପ୍ରତିନିଧି ଭାବେ ନିଯୁକ୍ତ କରିଥିଲେ । ଜୁଲି ବିଶପ୍ ବର୍ତ୍ତମାନ ଭାରତ ଗସ୍ତରେ ଅଛନ୍ତି । ୨୦୨୧ ମସିହା ଫେବୃୟାରୀ ପହିଲାରେ ବିଦ୍ରୋହ ମାଧ୍ୟମରେ ମ୍ୟାଁମାରରେ ସେନା କ୍ଷମତା ଦଖଲ କରିବା ପରଠାରୁ ଗଣତନ୍ତ୍ରର ପୁନରୁଦ୍ଧାର ଦାବି ନେଇ ସେଠାରେ ବ୍ୟାପକ ହିଂସାତ୍ମକ କାର୍ଯ୍ୟକଳାପ ଦେଖିବାକୁ ମିଳିଛି । ଭାରତ, ଚୀନ୍ ଏବଂ ବାଂଲାଦେଶ ସୀମାରେ ଥିବା ଅନେକ ବାଣିଜ୍ୟିକ କ୍ଷେତ୍ରକୁ ସେନା ନିଜ ଅକ୍ତିଆରକୁ ନେଇଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ, ମ୍ୟାଁମାର ଭାରତର ଅନ୍ୟତମ ରଣନୈତିକ ପଡ଼ୋଶୀ ରାଷ୍ଟ୍ର । ନାଗାଲାଣ୍ଡ ଏବଂ ମଣିପୁର ସମେତ ଉତ୍ତର-ପୂର୍ବାଞ୍ଚଳର ୧ ହଜାର ୬୪୦ କିଲୋମିଟର ଦୀର୍ଘ ଭାରତ-ମ୍ୟାଁମାର ସୀମା ରହିଛି ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ଗୁଆହାଟୀଠାରେ ସନ୍ଧ୍ୟା ସାଢ଼େ ୭ଟାରେ ରାଜସ୍ଥାନ ରୟାଲ୍‌ସ ଏବଂ କୋଲ୍‌କାତା ନାଇଟ୍ ରାଇଡର୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ଗତକାଲି ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ୍ ବିଜୟୀ ହୋଇଛି । ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଗତସନ୍ଧ୍ୟାରେ ଖେଳାଯାଇଥିବା ମ୍ୟାଚ୍‌ରେ ପଞ୍ଜାବ୍ ୧୧ ରନ୍‌ରେ ଗୁଜରାଟ୍ ଟାଇଟନ୍‌ସକୁ ହରାଇଥିଲା । ଗୁଜରାଟ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ ଆରମ୍ଭ କରି ପଞ୍ଜାବ କିଙ୍ଗ୍‌ସ୍ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ବିନିମୟରେ ୨୪୩ ରନ୍ ସଂଗ୍ରହ କରିଥିଲା । ୨୪୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଗୁଜରାଟ ଟାଇଟନ୍‌ସ ୫ ୱିକେଟ୍‌ରେ ୨୩୨ ରନ୍

କରିବାକୁ ସକ୍ଷମ ହୋଇଥିଲେ । ତେବେ ଶ୍ରେୟସ୍ ଆୟାରଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

## ଟେନିସ୍

ସର୍ବିଆର ଟେନିସ୍ ତାରକା ନୋଭାକ୍ ଜୋକୋଭିଚ୍ ବିଶ୍ୱର ୧୫ତମ ମାନ୍ୟତାପ୍ରାପ୍ତ ଇଟାଲୀର ଲୋରେଞ୍ଜୋ ମୁସେଟିଙ୍କୁ ୬-୨, ୬-୨ ସେଟ୍‌ରେ ହରାଇ ଏଟିପି ମାୟାମି ଓପନ୍ କ୍ୱାର୍ଟର ଫାଇନାଲ୍ସରେ ପ୍ରବେଶ କରିଛନ୍ତି । ସେ ପରବର୍ତ୍ତୀ ପର୍ଯ୍ୟାୟରେ ଆମେରିକାର ସେବାଷ୍ଟିଆନ୍ କୋର୍ଡାଙ୍କୁ ଭେଟିବେ । ଜୋକୋଭିଚ୍ ମିଆମି ଓପନ୍‌ରେ ୬ ଥର ବିଜୟ ହାସଲ କରିଥିଲେ ମଧ୍ୟ ୨୦୧୬ ପରଠୁ କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିପାରି  ନାହାନ୍ତି । ୩୭ ବର୍ଷୀୟ ଶ୍ରୀ ଜୋକୋଭିଚ୍ ୧୦୦ତମ ଟୁର୍ ଲେବୁଲ୍ ଟାଇଲଟ୍ ହାସଲ କରିବା ଲାଗି ଆଉ ମାତ୍ର ୩ଟି ବିଜୟ ଅପେକ୍ଷାରେ ଅଛନ୍ତି ।